ଉତ୍ତରପ୍ରଦେଶ ରାଜ୍ୟ ଏବଂ ଅନ୍ୟମାନେ

ବନାମ

ମନୀଷା ଦ୍ୱିବେଦୀ ଏବଂ ଅନ୍ୟଜଣେ ।

ଅଗଷ୍ଟ 31, 2001

[ସୟଦ ଶାହ ମହମ୍ମଦ କାଦରୀ ଏବଂ ଏସ୍. ଏନ୍. ଫୁକାନ,ନ୍ୟାୟାଧୀଶବୃନ୍ଦ ]

ଭାରତୀୟ ସମ୍ବିଧାନ, 1950:

*ଅନୁଚ୍ଛେଦ 136-ବିଶେଷ ଅନୁମତି ପାଇଁ ଆବେଦନ - ଉଚ୍ଚ ନ୍ୟାୟାଳୟରେ ବିଚାରାଧୀନ ଥିବା ଏକ ଆଜ୍ଞାଦେଶ ଆବେଦନରେ ପାରିତ ଅନ୍ତର୍ବର୍ତ୍ତୀ ଆଦେଶ ବିରୁଦ୍ଧରେ ଦାଖଲ-ନିର୍ଣ୍ଣିତ ଯେ, ସର୍ବୋଚ୍ଚ ନ୍ୟାୟାଳୟ ସାଧାରଣତଃ ଏକ ଅନ୍ତର୍ବର୍ତ୍ତୀ ଆଦେଶ ସମ୍ବନ୍ଧରେ ଅନୁଚ୍ଛେଦ 136 ଅନୁଯାୟୀ ଏହାର ଅଧିକରିତା ପ୍ରୟୋଗ କରିବେ ନାହିଁ, କେବଳ କିଛି ବିଶେଷ ପରିସ୍ଥିତିରେ ସ୍ପଷ୍ଟ ଅନ୍ୟାୟ କିମ୍ବା ନ୍ୟାୟାଳୟ ପ୍ରକ୍ରିୟାର ଅପବ୍ୟବହାରକୁ ରୋକିବା ପାଇଁ- ହସ୍ତକ୍ଷେପକୁ ସମର୍ଥନ କରୁଥିବା କୌଣସି ବିଶେଷ ପରିସ୍ଥିତି ନାହିଁ- ଏହା ବ୍ୟତୀତ ଆବେଦନ ଦାଖଲ କରିବାରେ ଏକ ବର୍ଷରୁ ଅଧିକ ସମୟ ନିଆଯାଇଥିବା ବିଷୟ ସ୍ପଷ୍ଟ ଭାବେ ବ୍ୟାଖ୍ୟା ହୋଇ ନାହିଁ- ଆବେଦନ ଖାରଜ ହୋଇଛି- ଅନ୍ତର୍ବର୍ତ୍ତୀ ଆଦେଶ ।*

*ବିଳମ୍ବ / ତ୍ରୁଟି :*

*ସର୍ବୋଚ୍ଚ ନ୍ୟାୟାଳୟରେ ଅପିଲ ଦାଖଲ କରିବା ପାଇଁ ବିଶେଷ ଅନୁମତି ପ୍ରାର୍ଥନା - ଆବେଦନ ଦାଖଲ କରିବାରେ ଏକ ବର୍ଷରୁ ଅଧିକ ସମୟ ବିଳମ୍ବ ହୋଇଛି -ଆବେଦନ ଗ୍ରହଣ କରାଯାଇ ନାହିଁ ।*

ଦେୱାନୀ ଆବେଦନ ଅଧିକାରିତା :ବିଶେଷ ଅନୁମତି ଆବେଦନ (C) ସଂଖ୍ୟା 11293-11294/2001 ।

C.M.W.P. ସଂଖ୍ୟା 35983 /1999ରେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କର 2.9.99 ଏବଂ 12.1.2001 ତାରିଖର ରାୟ ଏବଂ ଆଦେଶରୁ ।

I.A. ସଂଖ୍ୟା 4 ଏବଂ 5/2001 ରେ ।

ଆବେଦନକାରୀଙ୍କ ତରଫରୁ ଅବଧ ବିହାରୀ ରୋହତଗୀ, ଅଶୋକ କେ. ଶ୍ରୀବାସ୍ତବ ଏବଂ ପ୍ରକାଶ କେ. ସିଂହ ଆବେଦନ କରିଥିଲେ ।

ଉତ୍ତରଦାତାମାନଙ୍କ ପାଇଁ ଡ. ଏ. ଏମ୍. ସିଂଭି, ମାଣିକ କରଞ୍ଜାୱାଲା, ଆର୍. ଏନ୍. କରଞ୍ଜାୱାଲା, ସୁଶ୍ରୀ ନନ୍ଦିନୀ ଗୋରେ, ଅଙ୍କୁର ଚାୱଲା ଏବଂ ହୃଷିକେଶ ବରୁଆ ଆବେଦନ କରିଥିଲେ।

ନ୍ୟାୟାଳଙ୍କ ଦ୍ୱାରା ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଉଚ୍ଚ ନ୍ୟାୟାଳୟଙ୍କର 2.9.1999 ଏବଂ 12.1.2001 ତାରିଖର (ବାସ୍ତବରେ ଏହା 12.1.2001 ବୋଲି ଜଣାପଡିଛି) ଆଦେଶ ବିରୁଦ୍ଧରେ ବିଶେଷ ଅନୁମତି ଆବେଦନ ଦାଖଲ କରାଯାଇଛି । 10.7.2001 ରେ ଅନୁମତି ଆବେଦନ ଉପରେ ନୋଟିସ ଜାରି କରାଯାଇଥିଲା । ସଠିକ୍ ତଥ୍ୟ ନ୍ୟାୟାଳୟର ଦୃଷ୍ଟିକୁ ଅଣାଯାଇନାହିଁ ବୋଲି ଅଭିଯୋଗ କରି ଉତ୍ତରଦାତାମାନେ ନୋଟିସକୁ ପ୍ରତ୍ୟାହାର କରିବା ପାଇଁ IAs. ଦାଖଲ କରିଥିଲେ ।

ପକ୍ଷମାନଙ୍କ ତରଫରୁ ବିଦ୍ୱାନ ଓକିଲଙ୍କୁ ଶୁଣାଯାଇଥିଲା ।

ଆମେ ଦୁଇଟି କାରଣ ପାଇଁ ଯୋଗ୍ୟତା ଆଧାରରେ ଏହି ବିଶେଷ ଅନୁମତି ଆବେଦନ ଉପରେ ବିଚାର କରିବାକୁ ଆଗ୍ରହୀ ନୁହଁ; ପ୍ରଥମତଃ, ଯେ ଆକ୍ଷେପିତ ଆଦେଶ 12.1.2001 ରେ ବିଶେଷ ଅନୁମତି ଆବେଦନର ସଂଗୃହିତ ତଥ୍ୟ ଆଧାରରେ ନୋଟିସ ପରୀତ ଆଦେଶ ପ୍ରଦାନ କରାଯାଇଥିଲା; ଯଦି ତାହା ସଠିକ୍ ହୁଏ, ତେବେ ବିଶେଷ ଆବେଦନଗୁଡ଼ିକୁ ଦାଖଲ କରିବାରେ କୌଣସି ବିଳମ୍ବ ହୋଇନଥିଲା ଏବଂ ଏହା ଅନୁଯାୟୀ ପର୍ଯ୍ୟବେକ୍ଷିତ ହୋଇଥିଲା । ବର୍ତ୍ତମାନ, ଏହା ଜଣାପଡୁଛି ଯେ ଆକ୍ଷେପିତ ଆଦେଶ 12.1.2000 ରେ ପାରିତ ହୋଇଥିଲା ଏବଂ 12.1.2001 ରେ ନୁହେଁ ଏବଂ ତଥ୍ୟରେ ଥିବା ବିଷୟ ଆଧାରରେ ଆମେ ସନ୍ତୁଷ୍ଟ ଯେ ଏହା ମୁଦ୍ରଣ ଜନିତ ତ୍ରୁଟିର ମାମଲା ନୁହେଁ । ତେଣୁ, ଏକ ବର୍ଷରୁ ଅଧିକ ସମୟ ବିଳମ୍ବ ହୋଇଛି ଯାହା ସ୍ପଷ୍ଟ ଭାବରେ ଦର୍ଶା ଯାଇନାହିଁ ଏବଂ ସେଥିପାଇଁ, ବିଶେଷ ଅନୁମତି ଆବେଦନଗୁଡ଼ିକୁ ଗ୍ରହଣ କରାଯାଇପାରିବ ନାହିଁ । ଦ୍ୱିତୀୟତଃ, "ବିବାଦୀୟ ଆଦେଶ କେବଳ ଏକ ମଧ୍ୟବର୍ତ୍ତୀକାଳୀନ ଆଦେଶ ଏବଂ ଆଜ୍ଞାଦେଶ ଆବେଦନ ଏବେବି ବିଚାରାଧୀନ ରହିଛି । ନ୍ୟାୟାଳୟର ପ୍ରକ୍ରିୟାର ସ୍ପଷ୍ଟ ଅନ୍ୟାୟ କିମ୍ବା

ଅପବ୍ୟବହାରକୁ ରୋକିବା ପାଇଁ ସ୍ୱତନ୍ତ୍ର ପରିସ୍ଥିତି ବ୍ୟତୀତ ଏହି ନ୍ୟାୟାଳୟ ସାଧାରଣତଃ ଏକ ମଧ୍ୟବର୍ତ୍ତୀକାଳୀନ ଆଦେଶ ଉପରେ ସମ୍ବିଧାନର ଅନୁଚ୍ଛେଦ 136 ଅନୁଯାୟୀ ଏହାର ଅଧିକାରିତା କାର୍ଯ୍ୟକାରୀ କରିବ ନାହିଁ । ଏହା  ମାମଲାରେ ଆମର ହସ୍ତକ୍ଷେପକୁ ସମର୍ଥନ କରୁଥିବା କୌଣସି ସ୍ୱତନ୍ତ୍ର ପରିସ୍ଥିତି ଆମେ ପାଉନାହୁଁ ।

ମଧ୍ୟବର୍ତ୍ତୀକାଳୀନ ଆବେଦନଗୁଡ଼ିକୁ ମଞ୍ଜୁରୀ ଦିଆଯାଇଛି ଏବଂ ସେହି ଅନୁଯାୟୀ ବିଶେଷ ଅନୁମତି ଆବେଦନଗୁଡ଼ିକୁ ଖାରଜ କରାଯାଇାଛି ।

R.P. ଆବେଦନଗୁଡ଼ିକ ଖାରଜ ହୋଇଗଲା ଏବଂ ଆଇ. ଏ. ଅନୁମତି ଦିଆଗଲା

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର :
ମଦନ ମୋହନ ଭୂୟାଁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।